# Akashvani, Sambalpur

## SAMBALPURI NEWS EVENING BULLETIN

## 13 November 2024- 7.02 pm- 7.12 pm.

*********************************************

୧- ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଉଛେ କେବିନେଟ୍ ବୈଠକ୍ ।

୨- ବେଦାନ୍ତ ବିଶ୍ୱବିଦ୍ୟାଳୟ ଲାଗି ଅଧିଗ୍ରହଣ୍ କରାଯାଇଥିବା ଜମିକେ ଲୁକ୍‌କୁ ଫିରାବାର୍‌କେ ରାଜ୍ୟ ସର୍‌କାର୍ ନେଲେ ନିଷ୍ପତି ।

୩- ରାଜ୍ୟର୍ ପୁଲିସ୍ କର୍ମଚାରୀଙ୍କର୍ ବଦ୍‌ଲିଲା ପଦୋନ୍ନତି ନିୟମ୍ ।

- ଏତ୍‌କେ ୭ ବଛର୍ କାମ୍ କରିଥିବା ଏସ୍‌ଆଇ ହେବେ ଇନ୍ସପେକ୍ଟର୍ ।

ଆଉର୍

୪- ଆଏବା ଜାନୁଆରୀ ୧ ତାରିଖ୍‌ନୁ ଯୋଗ୍ୟ ହିତାଧିକାରୀମାନ୍‌କୁ ମିଲ୍‌ବା ରାସନ୍‌କାର୍ଡ୍ ।

ରାଜ୍ୟ କେବିନେଟ-ବୈଠକ୍ ଆର୍ଏନ୍ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ କେବିନେଟ୍ ବୈଠକ୍ ଚାଲିଛେ । ବୈଠକ୍‌ଥି ଉଚ୍ଚଶିକ୍ଷା, ପଂଚାୟତିରାଜ୍, କୃଷି, ସମବାୟ ଆର୍ ଶକ୍ତି ବିଭାଗ୍ ବାବ୍‌ଦେ ବହୁତ୍‌ଟେ ପ୍ରସ୍ତାବକେ ମଞ୍ଜୁରୀ ମିଲିପାରେ ବଲି କୁହାଯାଉଛେ । ଇତାର୍‌ସହେତେ ରାଏଜେ ଜାତୀୟ ଶିକ୍ଷାନୀତି ୨୦୨୦ ର ପ୍ରଚଲନ୍ ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲିପାରେ ବଲି ଜନାପଡ଼ିଛେ ।

କେନ୍‌ସର୍ ଚିକିତ୍ସା- ମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆମେରିକାର୍ ମିୟୋ କ୍ଲିନିକ୍ ଆର୍ ଅଲ୍‌ଗା ସ୍ୱାସ୍ଥ୍ୟସେବା ଗବେଷଣା ସଂସ୍ଥାର୍ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଆଏଜ୍ ଭେଟିଛନ୍ । ଇ ସମିଆଥି ଓଡ଼ିଶା ନ କେନ୍‌ସର୍ ଚିକିତ୍ସା କ୍ଷେତ୍ରଥି ସବୁଠାନୁ ଆଧୁନିକ ରୋଗ ନିରୂପଣ ଆର୍ ଚିକିତ୍ସା ପଦ୍ଧତିର ବିକାଶ୍ ବାବ୍‌ଦେ ଆଲୋଚନା ହେଇଛେ । ଆଲୋଚନାନୁ ଜନାପଡ଼ିଛେ ଯେ, ଡିଏନ୍ଏ ଟେଷ୍ଟ ଜରିଏ ଜଲ୍‌ଦି ରୋଗ ନିରୂପଣ ସହେତେ କେନ୍‌ସି ଗୁଟେ ଧାରିଜ୍

ଚିକିତ୍ସା ପ୍ରଣାଲୀ ଫଳପ୍ରଦ ହଉଛେ କି ନାଇଁ ସେଟା ଭିଲ୍ ବହୁତ୍ ଜଲ୍‌ଦି ଜନାପଡ଼୍‌ବା । ହେଥିର୍‌ଲାଗି ଓଡ଼ିଶା ନ ଇ ନୂଆଁ ପଦ୍ଧତିର୍ ପ୍ରୟୋଗ୍ କର୍‌ବାର୍‌କେ ପ୍ରତିନିଧିମାନେ ମତ ଦେଇଥିଲେ ।  ରାଜ୍ୟ ସର୍‌କାର୍ ସ୍ୱାସ୍ଥ୍ୟସେବା ଖାସ୍ କରି କେନ୍‌ସର୍ ଚିକିତ୍ସା ଉପ୍‌ରେ ସବୁନୁ ଅଏତ୍‌କା ଜୋର୍ ଦଉଛନ୍ ବଲି କହେବାର୍ ସହେତେ ଇ ବାବ୍‌ଦେ ବିଧିବଦ୍ଧ ପ୍ରସ୍ତାବ୍ ଦେବାର୍‌କେ ମୁଖ୍ୟମନ୍ତ୍ରୀ ସେମାନ୍‌କୁ ପରାମର୍ଶ ଦେଇଛନ୍ । ଇ ବୈଠକ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ନିକୁଞ୍ଜ ବିହାରୀ ଧଳ, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍‌ର କମିଶନର୍ ଅଶ୍ୱଥି ଏସ୍. ଉପସ୍ଥିତ୍ ଥିଲେ ।

ଚିନ୍ତନ୍ ଶିବିର        ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ନୂତନ ଆଉ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ତର୍‌ଫୁ ଭୁବ୍‌ନେଶ୍ୱର୍ ଆଇଟିସି ଠାନେ ଆଏବା କାଏଲ୍ ଆର୍ ପର୍‌ଦିନ ଦୁଇଦିନିଆ ଚିନ୍ତନ୍ ଶିବିର ଆୟୋଜନ୍ ହେଉଛେ । ଆଏବା କାଏଲ୍ ସଖାଲ୍‌ବେଲା କେନ୍ଦ୍ର ନୂତନ ଆଉ ଅକ୍ଷୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଷୀ ଇ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ୨୦୩୦ ମସିହାତକ୍ ୫ ଶହ ଗିଗାୱାଟ୍ ଲକ୍ଷ୍ୟ ହାସଲ୍

କର୍‌ବାର୍ ଆଉ ୨୦୪୭ ତକ୍ ୧୮ ଶହ ଗିଗାୱାଟ୍‌ର ପରବର୍ତୀ ଲକ୍ଷ୍ୟ ହାସଲ୍ ଦିଗେ ଇ କାର୍ଯ୍ୟକ୍ରମ୍‌ଥି ଆଲୋଚନା କରାଯିବା । କାର୍ଯ୍ୟକ୍ରମ୍‌ଥି ଦେଶର୍ ଅକ୍ଷୟ ଶକ୍ତିଥି ସାମିଲ୍ ଥିବା ଆର୍ଥିକ୍ ଅନୁଷ୍ଠାନ୍, ଶିଳ୍ପପତି, ସିଇଓ ଆର୍ କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ୍ ରହିକରି ହେବାର୍‌କେ ଥିବା ଭିନ୍ ଭିନ୍ ଅଧିବେଶନ୍‌ଥି ନିଜର୍ ବିଚାର୍ ରଖିବେ । ଇଥି ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର ମାହାଲିଆ ବିଜ୍‌ଲି ଯୋଜ୍‌ନା, କୃଷି କ୍ଷେତ୍ର ନ ସୌରଶକ୍ତି ବାଗିର୍ ଭିନ୍ ଭିନ୍ ବିଷେ ଉପ୍‌ରେ ଆଲୋଚନା ହେବା ବଲି ଜନାପଡ଼ିଛେ । ଶିବିରଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ନୂତନ ଆଉ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟେସୋ ନାୟକ, ରାଜ୍ୟ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ଏମ୍.ଏନ୍.ଆର୍.ଇ ସଚିବ ପ୍ରଶାନ୍ତ କୁମାର୍ ସିଂ ଯୋଗ୍ ଦେବେ ।

## ରାଜ୍ୟ ସର୍‌କାର୍-ବେଦାନ୍ତ ବିଶ୍ୱବିଦ୍ୟାଲୟ ଜମି

ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ ବେଦାନ୍ତ ବିଶ୍ୱବିଦ୍ୟାଳୟ ଲାଗି ନିଆଯାଇଥିବା ଜମିକେ ଲୁକ୍କୁ ଫିରେଇ ଦିଆଯିବା ବଲି ନିଷ୍ପତି ନେଇଛନ୍ । ଜମି ହରେଇଥିବା ଲୁକ୍କୁ ଚିହ୍ନଟ୍ କରାଯାଇକରି ସେମାନ୍କର୍ ଜମି ଫିରେଇ ଦିଆଯିବା । ଇ ବାବ୍ଦେ ସର୍କାରୀ ସ୍ତରଥି ପ୍ରକ୍ରିୟା ମୁଲ୍ ହେଇଛେ । ଆଏବା ୨ ଦିନ୍ ଭିତ୍ରେ ବିଜ୍ଞପ୍ତି ବାହାର୍ବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ସୂଚ୍ନା ଦେଇଛନ୍ । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ଯେ, ଅନୀଲ୍ ଅଗ୍ରୱାଲ୍ ଫାଉଣ୍ଡେସନ୍ ପାଖେ ଥିବା ଜମିକେ ଫିରାବାର୍ ଲାଗି ହାଇକୋର୍ଟଙ୍କର୍ ରାୟକେ ସୁପ୍ରିମ୍କୋର୍ଟ କାଏମ୍ ରଖିଛନ୍ । ଇ ଜମିକେ ଜମି ମାଲିକ୍ମାନ୍କୁ ଫିରେଇଦେବାର୍ ଲାଗି ନିଷ୍ପତି ନିଆଯାଇଛେ । ହେଲେ ଜମି ଲାଗି ଲୋକ୍ମାନେ ପାଇଥିବା କ୍ଷତିପୂରଣ୍ ସର୍କାର୍ଙ୍କୁ ଫିରାବେ । ସର୍କାର୍ ଜମି ଫିରାବାର୍ ପ୍ରକ୍ରିୟା ମୁଲ୍ କରିଥିବାର୍ ବେଲେ ଜିଲ୍ଲା ପ୍ରଶାସନ୍ ବହୁତ୍ ଜଲ୍ଦି ଇଥିର୍ଲାଗି ପଦକ୍ଷେପ୍ ନେବେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ସୁଭଦ୍ରା ଆର୍ଏନ୍ୟୁ/କଟକ

ରାଜ୍ୟ ସର୍କାର୍ ଆଏବା ୨୪ ତାରିଖ୍ ଦିନ ସୁଭଦ୍ରା ଯୋଜ୍ନାର୍ ପହେଲା କିସ୍ତିର ୩ ନମ୍ବର୍ ଖେପ୍ ଟଙ୍କା ହିତାଧିକାରୀମାନ୍କୁ ଦେବେ । ଇ ଖେପେ ୨୦ ଲାଖ୍ ହିତାଧିକାରୀଙ୍କୁ ଟଙ୍କା ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚ୍ନା ଦେଇଛନ୍ । ସର୍କାର୍ ପହେଲା ୨ ଟା ଖେପେ ଏବ୍ତକ୍ ୬୦ ଲାଖ୍ ହିତାଧିକାରୀଙ୍କୁ ଆର୍ଥିକ୍ ସାହାଜ୍ ଟଙ୍କା ଦେଇଛନ୍ । ସୂଚ୍ନା ଅନ୍ସାରେ ଏବ୍ତକ୍ ୧ କୋଟି ୩ ଲାଖ୍ନୁ ଅଏତ୍କା ମହିଲା ସୁଭଦ୍ରା ଯୋଜ୍ନାନୁ ଆର୍ଥିକ୍ ସାହାଜ୍ ପାଏବାର୍ ଲାଗି ଆବେଦନ୍ କରିଛନ୍ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ଯେ, କେତେ ଆବେଦନ୍କାରୀଙ୍କର୍ ମୋବାଇଲ୍ ନମ୍ବର୍, ଆଧାର୍ ନମ୍ବର୍ ଆର୍ ଜମା ଖାତା ନମ୍ବର୍ ଠିକ୍ ନାଇଁଥିବାର୍ନୁ ସମସ୍ୟା ଦେଖାଦେଇଛେ । ଯେନ୍ ହିତାଧିକାରୀମାନ୍କର୍ ପାଖେ ସୁଭଦ୍ରା ଯୋଜ୍ନାର୍ ଟଙ୍କା ପାଏବାର୍ଥି ସମସ୍ୟା ଦେଖାଯାଉଛେ ସେନ ସର୍କାରୀ ଅଧିକାରୀ ଆର୍ ଅଙ୍ଗନବାଡ଼ି କର୍ମୀମାନେ ନିଜେ ଯାଇକରି ହିତାଧିକାରୀମାନ୍କର୍ ସମସ୍ୟାର୍ ସମାଧାନ୍ କର୍ବେ । ଗୁଟେ ବେଙ୍କ୍ ଜମାଖାତା ସାଙ୍ଗେ ଗୁଟେ ମୋବାଇଲ୍ ନମ୍ବର୍ ଜୁଡ୍ବାର୍ ଲାଗି ହିତାଧିକାରୀମାନ୍କୁ ଶ୍ରୀମତୀ ପରିଡ଼ା ଅନୁରୋଧ୍ କରିଛନ୍ ।

ପୁଲିସ୍ ପଦୋନ୍ନତି          ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ପୁଲିସ୍ ସବ୍ଇନ୍ସପେକ୍ଟର୍- ଏସ୍ଆଇ ଭାବେ କାମ୍ କରୁଥିବା କର୍ମଚାରୀମାନ୍‌କୁ ଚାକିରୀଥି ଯୋଗ୍ ଦେବାର୍ ୭ ବଛର୍ ଉତ୍ରୁ ପଦୋନ୍ନତି ଦିଆଯିବା ବଲି ସର୍କାର୍ ନିଷ୍ପତି ନେଇଛନ୍ । ଇ ବାବ୍‌ଦେ ଆଏଜ୍ ରାଜ୍ୟ ଗୃହ ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ୨୦୨୪ ଜାନୁଆରୀ ୧ ତାରିଖ୍‌ତକ୍ ଯେନ୍‌ମାନେ ୭ ବଛର୍ ଏସ୍ଆଇ ଭାବେ କାମ୍ କରିସାରିଥିବେ ସେମାନ୍‌କୁ ଇନ୍ସପେକ୍ଟର୍ ପଦ୍‌ବୀକେ ପଦୋନ୍ନତି ଦେବାର୍ ଲାଗି ବିଚାର୍ କରାଯିବା । ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ଚାକିରୀଥି ସବ୍-ଇନ୍ସପେକ୍ଟର୍ ନୁ ଇନ୍ସପେକ୍ଟର୍ ରେଙ୍କ୍ ପଦୋନ୍ନତି ଲାଗି ୧୦ ବଛର୍ ଟାକ୍‌ବାର୍‌କେ ନିୟମ୍ ଥିଲା । ହେଲେ ଇଟାକେ କମ୍ କରାଯାଇକରି ୭ ବଛର୍ କରାଯାଇଛେ ।

ରାସନ୍ କାର୍ଡ଼ -ଇ-କେୱାଇସି          ଆର୍ଏନ୍ୟୁ/ କଟକ୍

ରାଜ୍ୟ ସର୍କାର୍ ଆଏବା ଜାନୁଆରୀ ୧ ତାରିଖ୍‌ନୁ ଯୋଗ୍ୟ ହିତାଧିକାରୀମାନ୍‌କୁ ରାସନ୍ କାର୍ଡ଼ ବାଂଟ୍‌ବେ ବଲି ଖାଦ୍ୟ

ଆଉ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇ ବାବ୍‌ଦେ ସାମ୍ବାଦିକ୍‌ମାନ୍‌କୁ ସୂଚ୍‌ନା ଦେଇକରି ଶ୍ରୀ ପାତ୍ର କହିଛନ୍ ଯେ, ରାସନ୍‌କାର୍ଡ଼ ଇ-କେୱାଇସି ପ୍ରକ୍ରିୟାନୁ ଅଯୋଗ୍ୟ ହିତାଧିକାରୀମାନ୍‌କୁ ବାଦ୍ ଦେବାର୍ ଲାଗି ପ୍ରକ୍ରିୟା ଜାରି ରହିଛେ । ଚଲ୍‌ତି ମାସର୍ ଶେଷ୍‌ତକ୍ ରାସନ୍‌କାର୍ଡ଼ ହିତାଧିକାରୀମାନ୍‌କର୍ ଇ-କେୱାଇସି ଯାଂଚ୍ ପ୍ରକ୍ରିୟା ଶେଷ୍ ହେବା । ଏବ୍‌ତକ୍ ୧୬ ଲାଖ୍ ଅଯୋଗ୍ୟ ହିତାଧିକାରୀଙ୍କୁ ରାସନ୍‌କାର୍ଡ଼ ବ୍ୟବସ୍ଥାଥି ଚିହ୍ନଟ୍ କରାଯାଇଛେ ।

## ସି.ଆଇ.ଏସ୍.ଏଫ୍-ମହିଳା ବାଟାଲିୟନ ଆର୍‌ଏନ୍‌ୟୁ/ସମ୍ବଲପୁର

କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ - ସି.ଆଇ.ଏସ୍.ଏଫ୍. ର ପହେଲା ମହିଳା ବାଟାଲିୟନ୍‌କେ କେନ୍ଦ୍ର ସର୍‌କାର୍ ଅନୁମୋଦନ୍ ଦେଇଛନ୍ ବଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ । ଶ୍ରୀ ଶାହା କହିଛନ୍ ଯେ, ରାଷ୍ଟ୍ର ନିର୍ମାଣର ଫି’ କ୍ଷେତ୍ର ନ ମହିଳାମାନ୍‌କର୍ ଅଂଶଗ୍ରହଣ୍ ବଢ଼ାବାର୍‌କେ ଇ ପଦକ୍ଷେପ୍ ନିଆଯାଇଛେ । ଇ ମହିଳା ବାଟାଲିୟନ୍ ଦେଶର୍ ବିମାନ୍ ବନ୍ଦର୍ ଆର୍ ମେଟ୍ରୋ ରେଲ୍ ଷ୍ଟେସନ୍ ମାନ୍‌କେ ଭିତିଭୂମିର ସୁରକ୍ଷା ଲାଗି ମୁତୟନ୍ ହେବେ । ସେନ୍ତା କମାଣ୍ଡୋ ଭାବେ ଭିଆଇପି ସୁରକ୍ଷା ଭିଲ୍ ଇମାନେ ଯୁଗେଇ ଦେବେ । ଏଛେନ୍

ସିଆଇଏସ୍ଏଫ୍‌ଥି ମହିଳାମାନ୍‌କର୍ ସଂଖ୍ୟା ୭ ପ୍ରତିଶତ୍‌ନୁ ଅଏତ୍‌କା ରହିଛେ ବଲି ସେ କହିଛନ୍ ।

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍ prasarbharati.gov.in ର ଭେକେନ୍‌ସିଜ୍ ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।

ଦିଶା ବୈଠକ୍- ସୁବର୍ଣ୍ଣପୁର୍          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାସ୍ତରୀୟ 'ଦିଶା' ବୈଠକ୍ ଆଏଜ୍ ସୋନ୍‌ପୁର୍ ଠାନେ ହେଇଯାଇଛେ। ବଲାଙ୍ଗିର୍ ସାଂସଦ୍ ସଂଗୀତା କୁମାରୀ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମୀକ୍ଷା ବୈଠକ୍‌ଥି କେନ୍ଦ୍ର ସର୍‌କାର୍‌ଙ୍କର୍ ଫ୍ଲାଗ୍‌ସିପ୍ ଯୋଜ୍‌ନାର୍ ପ୍ରକଳ୍ପ ମାନ୍‌କର୍ ଥିତି ଆଉ ଖର୍ଚ୍ଚା ବାବ୍‌ଦେ ସମୀକ୍ଷା କରାଯାଇଥିଲା। ଖାସ୍ କରି ସାଂସଦ୍-ଅନାବନ୍ଧ ପାଣ୍ଠି, ଜାତୀୟ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜ୍‌ନା, ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା, ପ୍ରଧାନ୍‌ମନ୍ତ୍ରୀ ଅଟଲ୍ ବୀମା ଯୋଜ୍‌ନା, ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ଜାତୀୟ ଖାଦ୍ୟ ସୁରକ୍ଷା ବାଗିର୍ କେନ୍ଦ୍ରୀୟ ଯୋଜ୍‌ନାର୍ କାର୍ଯ୍ୟାନ୍ୱୟନ୍ ଉପ୍‌ରେ ଆଲୋଚନା କରାଯାଇଥିଲା।

ତମାଖୁ- ସଚେତନ୍        ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲାର୍ ଅବକାରୀ ବିଭାଗ୍ ଆଉ ସ୍ୱାସ୍ଥ୍ୟ ବିଭାଗ୍‌ର କାର୍ଯ୍ୟକାରୀ ସ୍କ୍ୱାଡ୍ ତର୍‌ଫୁ ସର୍ବସାଧାରଣ ଜାଗାମାନ୍‌କେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ଅଭିଯୋଗ୍‌ଥି ୧୬ ଝନ୍‌କର୍‌ନୁ ଜରିମାନା ଆଦାୟ କରାଯାଇଛେ।

ଇତାର୍‌ଛଡ଼ା ଅସ୍ୱାସ୍ଥ୍ୟକର ଖାଦ୍ୟ ବିକୁଥିବା ୩ ଝନ୍ ବ୍ୟବସାୟୀଙ୍କର୍ ନୁ ଭିଲ୍ ଜରିମାନା ଆଦାୟ କରାଯାଇଥିଲା । ଖାଦ୍ୟ ଦରବ୍‌ଥି ରଙ୍ଗ୍ ବେଭାର୍ ନାଇଁ କର୍‌ବାର୍‌କେ, ଆର୍ ତମାଖୁ ବେଭାର୍‌ର ନୁକ୍‌ସାନ୍ ବାବ୍‌ଦେ ସେମାନ୍‌କୁ ସଚେତନ୍ କରାଯାଇଥିଲା ।

ଶ୍ରୀଜୀଉ- ବାଙ୍କଚୂଡ଼ା ବେଶ ଆର୍‌ଏନ୍‌ୟୁ/ କଟକ୍

କାର୍ତ୍ତିକ୍ ମାସର୍ ପଂଚ୍‌କ ବ୍ରତର ଆଏଜ୍ ୨ ନମ୍ବର୍ ଦିନେ ଶ୍ରୀକ୍ଷେତ୍ର ପୁରୀ ନ ମାହାପୁରୁମାନ୍‌କୁ ବାଙ୍କଚୂଡ଼ା ବେଶଥି ସଜାଯାଇଛେ । ଇ ବେଶଥି ମାହାପୁରୁ ଶ୍ରୀଜଗନ୍ନାଥ ସୁନାକିରିଟ ଆର୍ କାନକୁଣ୍ଡଳ ପିନ୍ଧିଥିବାର୍ ବେଲେ ବଳଭଦ୍ର ହଳ ଆର୍ ମୂଷଳ ଧରିଛନ୍ । ସେନ୍ତା ଦେବୀ ସୁଭଦ୍ରାଙ୍କର୍ ମଥା ନ ସୁବର୍ଣ୍ଣ କିଆ ଶୋଭାପାଉଛେ । ଇତାର୍‌ସହେତେ ଆଏଜ୍ ଶ୍ରୀମନ୍ଦିର୍ ନ ଗରୁଡ଼ ଉଥାପନ ନୀତି ପାଲନ୍ କରାଯାଇଛେ । ପଂଚ୍‌କଥି ମାହାପୁରୁମାନ୍‌କର୍ ଭିନ୍ ଭିନ୍ ବେଶ ଦର୍ଶନ୍ କର୍‌ବାର୍ ଲାଗି ପୁରୀ ନ ଭକ୍ତମାନ୍‌କର୍ ଜବର୍ ଭିଡ୍ ଦେଖିବାର୍‌କେ ମିଳିଛେ ।

କାର୍ତିକ୍ ପୂଜା-ନୂଆପଡ଼ା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଲାଲ୍‌ସାହେବ୍ ପଡ଼ା ନ କାର୍ତିକ୍ ପୂଜା ଉତ୍ସବ ଆଉ ତୁଲ୍‌ସୀ ବିବାହ ହେଇଯାଇଛେ । ଇ ଅବ୍‌ସରେ ପଂଚ୍‌କ ହବିସ ଅନ୍ନ ଭୋଜନ୍ ବ୍ୟବସ୍ଥା ସହେତେ ଭଜନ୍ ସନ୍ଧ୍ୟା କାର୍ଯ୍ୟକ୍ରମ୍ ହେଉଛେ ।

ରେଲ୍ ସୁରକ୍ଷା- ମକ୍‌ଡ୍ରିଲ୍        ବଲାଙ୍ଗିର୍ ସମ୍ବାଦଦାତା

ଟ୍ରେନ୍ ଦୁର୍ଘଟଣା ହେଲେ ରେଲ୍‌ଯାତ୍ରୀ କେନ୍ତା ସୁରକ୍ଷିତ ରହେବେ ସେବାବ୍‌ଦେ ବଲାଙ୍ଗିର୍ ରେଲ୍‌ଷ୍ଟେସନ୍ ନ ଗୁଟେ ମକ୍‌ଡ୍ରିଲ୍ କରାଯାଇଛେ । ସମ୍ବଲପୁର୍ ରେଲ୍‌ଡିଭିଜନ୍ ତର୍‌ଫୁ କରାଯାଇଥିବା ଇ ମକ୍‌ଡ୍ରିଲ୍‌ଥି ସାଙ୍ଗେସାଙ୍ଗ କେନ୍ତା ଆମ୍ବୁଲେନ୍ସ ପୁହୁଁଚିବା ଆର୍ ଯାତ୍ରୀମାନ୍‌କୁ ଉଦ୍ଧାର୍ କରାଯାଇକରି ଚିକିତ୍ସା କରାଯିବା ଆଉ ଟ୍ରେନ୍ ଦୁର୍ଘଟଣା ଘଟ୍‌ଲେ ଅଧିକାରୀମାନେ କାଣା କର୍‌ବେ ସେ ବାବ୍‌ଦେ ଦେଖେଇଥିଲେ ।

ସୁସ୍ଥ ଶିଶୁ-ସମ୍ମାନିତ ଆର୍‌ଏନ୍‌ୟୁ / ସମ୍ବଲପୁର

ଶିଶୁ ଦିବସ୍‌ଥି ସୁସ୍ଥ ଛୁଆମାନ୍‌କୁ ସମ୍ମାନିତ କରାଯିବା । ରାଜ୍ୟର୍ ସବୁ ଅଙ୍ଗନବାଡ଼ି କେନ୍ଦ୍ର ନ ୬ ଝନ୍ ଲେଖା ସୁସ୍ଥ ଛୁଆଙ୍କୁ ପୁରସ୍କାର୍ ଦିଆଯିବା । ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ଅଧୀନ୍ - 'କୋଟିଏ ହସ' କାର୍ଯ୍ୟକ୍ରମ୍ ଆର୍ ପୋଷଣ୍ ଅଭିଯାନ୍ ସାଙ୍ଗେ ସମାନ୍ ଭାବେ ଇଟାକେ ସାରା ରାଏଜେ ଆୟୋଜନ୍ କରାଯିବା । ଇ ବାବ୍‌ଦେ ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାକେ ନିର୍ଦ୍ଦେଶାବଲୀ ଦିଆଯାଇଛେ । କୁପୋଷଣମୁକ୍ତ ରାଜ୍ୟ ଲାଗି ସର୍‌କାର୍ ଧ୍ୟାନ୍ ଦେଉଥିବାର୍ ବେଲେ ଛୁଆ ଆଉ ମା' ବାପାଙ୍କୁ ଇ ଦିଗେ ତହଁକାବାର୍ ଲାଗି ଏନ୍ତା ପଦକ୍ଷେପ୍ ନିଆଯାଇଛେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।